# NATIONAL NEWS BULLETIN (ODIA)

## 2 January - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ରାୟ ପିଥୋରା ଠାରେ ଆସନ୍ତାକାଲି ଭଗବାନ ବୁଦ୍ଧଙ୍କ ସହ ଜଡ଼ିତ ପବିତ୍ର ପିପରହୱା ଅବଶେଷର ଆନ୍ତର୍ଜାତିକ ପ୍ରଦର୍ଶନକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ ସମାଧାନ ଦିଗରେ ସହାୟକ ହୋଇଛି ପ୍ରଗତି ପ୍ଲାଟ୍‌ଫର୍ମ ।
- ଗୁଆହାଟୀରୁ କୋଲକାତା ମଧ୍ୟରେ ଖୁବ୍ ଶୀଘ୍ର ଚଳାଚଳ କରିବ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ।
- ରନ୍ଧନ ଗ୍ୟାସ୍ ମୂଲ୍ୟ ବୃଦ୍ଧି ସମ୍ପର୍କିତ ଗଣମାଧ୍ୟମ ରିପୋର୍ଟ୍‌କୁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଖଣ୍ଡନ ।

ଏବଂ

- ସ୍ୱିଜରଲାଣ୍ଡରେ ନୂଆବର୍ଷ ମଧ୍ୟରାତ୍ରିରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୪୦କୁ ବୃଦ୍ଧି ।

## ପିଏମ୍-ରେଲିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ରାୟ ପିଥୋରା ସାଂସ୍କୃତିକ କମ୍ପ୍ଲେକ୍ସରେ ଭଗବାନ ବୁଦ୍ଧଙ୍କ ସହ ଜଡ଼ିତ ପବିତ୍ର ପିପରହୱା ଅବଶେଷର ଆନ୍ତର୍ଜାତିକ ପ୍ରଦର୍ଶନକୁ ଉଦ୍‌ଘାଟନ କରିବେ । ଏହି ପ୍ରଦର୍ଶନୀରେ ପ୍ରଥମଥର ପାଇଁ ପ୍ରାୟ ଏକଶତାବ୍ଦୀରୁ ଅଧିକ ସମୟ ପରେ ପିପରହୱା ଅବଶେଷଗୁଡ଼ିକୁ ନୂଆଦିଲ୍ଲୀ ଜାତୀୟ ସଂଗ୍ରହାଳୟ ଏବଂ କୋଲକାତା ସ୍ଥିତ ଭାରତୀୟ ସଂଗ୍ରହାଳୟରୁ ଏକତ୍ର କରାଯାଇଛି ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ୧୮୯୮ ମସିହାରେ ଆବିଷ୍କୃତ ପିପରହୱା ଅବଶେଷ ବୌଦ୍ଧଧର୍ମର ପ୍ରତ୍ନତାତ୍ତ୍ୱିକ ଅଧ୍ୟୟନରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏହା ପ୍ରାଚୀନ କପିଳବସ୍ତୁ ସହ ଜଡ଼ିତ ଯେଉଁଠାରେ ଭଗବାନ ବୁଦ୍ଧ ପ୍ରାରମ୍ଭିକ ଜୀବନ ବିତାଇଥିଲେ ।

## ପ୍ରଗତି-ସ୍ପେଶାଲ ଷ୍ଟୋରି

ପ୍ରଧାନମନ୍ତ୍ରୀଙ୍କ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ପ୍ରମୁଖ ପ୍ଲାଟଫର୍ମ 'ପ୍ରଗତି' ଏହାର ୫୦ତମ ବୈଠକର ସଫଳ ପରିଚାଳନା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ୨୦୧୫ ରେ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିବା ପରେ ପ୍ରଗତି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ବାସ୍ତବ-ସମୟ ଯାଞ୍ଚ ଏବଂ ସମାଧାନ କରିବା କ୍ଷେତ୍ରରେ ସଫଳତା ଅର୍ଜନ  କରିଛି। ଏହି ପ୍ଲାଟଫର୍ମ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟଗୁଡ଼ିକୁ ଗୋଟିଏ ଡିଜିଟାଲ ଇଣ୍ଟରଫେସରେ ଏକତ୍ର କରିଛି । ଏକ ଦଶନ୍ଧି ଧରି, ପ୍ରଗତି ନିଷ୍ପତ୍ତି ଗ୍ରହଣ କରିବା କ୍ଷେତ୍ରରେ ସଫଳତା ପାଇଥିବା ବେଳେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସମସ୍ୟାଗୁଡ଼ିକର ସମାଧାନ କରିବାରେ ସହାୟକ ହୋଇଛି । ଏହା କେବଳ ତଦାରଖ ନୁହେଁ ବରଂ ପ୍ରଶାସନ କ୍ଷେତ୍ରରେ ସଂସ୍କାର ପାଇଁ ଏକ ପ୍ଲାଟଫର୍ମ ଭାବେ ଉଭା ହୋଇଛି। ଆଜି, ଏହି ବିଶେଷ ଶୃଙ୍ଖଳାରେ, ଆମେ ବୈରାବୀ-ସାଇରାଙ୍ଗ ରେଳ ଲାଇନ ଉପରେ ଜାଣିବା, ଯାହା ପ୍ରଥମ ଥର ପାଇଁ ଜାତୀୟ ରେଳ ନେଟୱାର୍କ ସହିତ ସଂଯୁକ୍ତ ହୋଇଥିଲା।

ବୈରାବୀ-ସାଇରାଙ୍ଗ ରେଳ ଲାଇନ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ଯାହା ମିଜୋରାମକୁ ରେଳ ସଂଯୋଗ ପ୍ରଦାନ କରିବା ସହ ଏହାକୁ ଜାତୀୟ ରେଳ ନେଟୱାର୍କ ସହିତ ଯୋଡ଼ି ପାରିଛି । ୫୧ କିଲୋମିଟରରୁ ଅଧିକ ଲମ୍ବ ବିଶିଷ୍ଟ ଏହି ପ୍ରକଳ୍ପ ୨୦୦୮ ମସିହାରେ ମଞ୍ଜୁର କରାଯାଇଥିଲା ଏବଂ ୨୦୧୪ ନଭେମ୍ବରରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୨୦୧୬ରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଗତି ବୈଠକରେ ଏହି ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ସମୟରେ,

ପ୍ରକଳ୍ପର ପ୍ରଗତି ପ୍ରାୟ ୧୧ ପ୍ରତିଶତ ଥିଲା। ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ପ୍ରଭାବିତ କରୁଥିବା ପ୍ରମୁଖ ସମସ୍ୟାଗୁଡ଼ିକ ମଧ୍ୟରୁ ଜାତୀୟ ରାଜପଥ-୧୫୪ର ଖରାପ ଅବସ୍ଥା ଦାୟୀ ଥିଲା । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟକୁ ଜାତୀୟ ରାଜପଥ-୧୫୪ର ଉନ୍ନତିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗତ ବର୍ଷ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ମୋଦି ବୈରାବି-ସାଇରାଙ୍ଗ ରେଳ ଲାଇନର ଉଦଘାଟନ କରିଥିଲେ। ଏହି ପ୍ରକଳ୍ପ ପ୍ରଗତି ବ୍ୟବସ୍ଥା ମାଧ୍ୟମରେ ସମ୍ଭବ ହୋଇଥିଲା ।

## ପିଏମ୍-ସୁରେଶ କୁମାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବେଙ୍ଗାଲୁରୁରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସଫଳତାର ସହ ସାଇକେଲ ଚାଳନା କରିଥିବା ଏସ୍. ସୁରେଶ କୁମାରଙ୍କୁ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସଫଳତା କେବଳ ପ୍ରଶଂସନୀୟ ଏବଂ ପ୍ରେରଣାଦାୟକ ନୁହେଁ ବରଂ ଶ୍ରୀ କୁମାରଙ୍କ ଦୃଢ଼ତା ଏବଂ ଅଟଳ ମନୋଭାବର ପ୍ରମାଣ ମଧ୍ୟ। ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ଯେ ଏପରି ପ୍ରୟାସ ସମାଜ ପାଇଁ ଫିଟ୍‌ନେସ୍ ଏବଂ ଦୃଢ଼ତାର ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରେ । ବିଶେଷକରି ଏହା ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟଗତ ଅସୁବିଧାକୁ ଦୂର କରି ହାସଲ

କରାଯାଇପାରିଛି। ପ୍ରଧାନମନ୍ତ୍ରୀ ଶ୍ରୀ କୁମାରଙ୍କ ସହ ଫୋନ୍ ଯୋଗେ କଥା ହୋଇ ତାଙ୍କ ସାହସ, ପ୍ରୟାସ ଏବଂ ଦୃଢ଼ତାର ପ୍ରଶଂସା କରିଛନ୍ତି।

# ବୈଷ୍ଣବ ବନ୍ଦେ ଭାରତ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଗୁଆହାଟୀ ଓ କୋଲକାତା ମଧ୍ୟରେ ଚଳାଚଳ କରିବ। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ୧୫ରୁ ୨୦ ଦିନ ମଧ୍ୟରେ ଏହି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ। ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ଟ୍ରେନ୍‌ର ଦ୍ରୁତତମ ଚଳାଚଳ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଥିବା ସେ କହିଛନ୍ତି। ୧୬ଟି କୋଚ୍ ବିଶିଷ୍ଟ ଏହି ସ୍ଲିପର ଟ୍ରେନ୍ ୧ ହଜାରରୁ ଦେଢ଼ ହଜାର କିଲୋମିଟର ପର୍ଯ୍ୟନ୍ତ ଦୂରଗାମୀ ଯାତ୍ରା ପାଇଁ ବିକଶିତ କରାଯାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଯାତ୍ରୀଙ୍କୁ ଅତ୍ୟାଧୁନିକ ଓ ଆରାମଦାୟକ ସୁବିଧା ପ୍ରଦାନର ବ୍ୟବସ୍ଥା ଏହି ଟ୍ରେନ୍‌ରେ ରହିଛି।

**V/O- Ashwini Baishnab**

## ଗର୍ଭମେଣ୍ଟ ଏଲ୍.ପି.ଜି.

ଘରୋଇ ଗ୍ରାହକଙ୍କ ପାଇଁ ରନ୍ଧନ ଗ୍ୟାସ୍ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନଥିବା କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଗତକାଲି କେତେକ ଗଣମାଧ୍ୟମରେ ଏଭଳି ରିପୋର୍ଟ୍ ପ୍ରକାଶିତ ହୋଇଥିଲା । ସୂଚନା ଅନୁଯାୟୀ କେତେକ ଗଣମାଧ୍ୟମରେ ସିଲିଣ୍ଡର ପିଛା ୧୧୧ଟଙ୍କା ବୃଦ୍ଧି କରାଯାଇଥିବା ରିପୋର୍ଟ କରାଯାଇଥିଲା । ତେବେ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଇୟର୍ ଏଣ୍ଡର-ଟେକ୍ନୋଲୋଜି

୨୦୨୫ ମସିହା ଭାରତର ବିକାଶ ଯାତ୍ରାର ଏକ ନିର୍ଣ୍ଣାୟକ ଅଧ୍ୟାୟ ଭାବରେ ଉଭା ହୋଇଥିଲା । ଏଥିରେ ସରକାରଙ୍କ ଦ୍ୱାରା ପ୍ରଣୀତ ନୀତି ଦେଶର ବିକାଶ ପାଇଁ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା । ଆମର ସ୍ୱତନ୍ତ୍ର ସିରିଜ୍ 'ସଂସ୍କାର ବର୍ଷ'ରେ ଆସନ୍ତୁ ଜାଣିବା ୨୦୨୫ରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ବିକାଶ ସମ୍ପର୍କରେ ।

୨୦୨୫ ମସିହାରେ, ଭାରତର ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ଯାତ୍ରା ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଥିଲା । ଦେଶରେ ପ୍ରଯୁକ୍ତିବିଦ୍ୟା

କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଘଟିଥିଲା ଯାହା ବୃହତ ପରିମାଣର ନିବେଶ ଏବଂ ସଂସ୍ଥାଗତ ସଂସ୍କାର ଦ୍ୱାରା ସମ୍ଭବ ହୋଇଥିଲା ।

କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦେଶରେ ଘଟିଥିବା ଉନ୍ନତିର ସୁଫଳ ଗୁରୁତ୍ୱପୂର୍ଣ୍ଣ ଥିଲା । ଏଆଇ ମିଶନ ଅଧୀନରେ, ସରକାର ନୈତିକ, ମାନବ-କେନ୍ଦ୍ରିକ ଏଆଇ ସିଷ୍ଟମ ନିର୍ମାଣ ପାଇଁ ଦଶ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରି ଏହା ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ସମ୍ପ୍ରତି ଭାରତ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ୨୦୨୫ ଗ୍ଲୋବାଲ୍ ଏଆଇ ଭାଇବ୍ରାନ୍ସି ରାଙ୍କିଙ୍ଗରେ ତୃତୀୟ ସ୍ଥାନରେ ରହିଛି। ୨୦୨୫ ମଧ୍ୟ ସେମିକଣ୍ଡକ୍ଟର କ୍ଷେତ୍ରରେ ସଫଳତା ହାସଲ କରିଛି । ଗତ ବର୍ଷ ଭାରତ ନୋଏଡା ଏବଂ ବେଙ୍ଗାଲୁରୁରେ ୩-ନାନୋମିଟର ଚିପ୍ ଡିଜାଇନ୍ ପାଇଁ ଦୁଇଟି ପ୍ରକଳ୍ପର ଆରମ୍ଭ କରିଥିଲା । ସେହିପରି ଗତ ବର୍ଷ ସେପ୍ଟେମ୍ବରରେ, ଦେଶର ପ୍ରଥମ ସ୍ୱଦେଶୀ ଭାବରେ ବିକଶିତ ବିକ୍ରମ ୩୨-ବିଟ୍ ଚିପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀରେ ପ୍ରଦାନ କରାଯାଇଥିଲା ।

ଏହି ବର୍ଷ ମଧ୍ୟ ମହାକାଶ ଏବଂ ରଣନୈତିକ ପ୍ରଯୁକ୍ତିବିଦ୍ୟାରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରାଯାଇଥିଲା। ବିଶ୍ୱର ସବୁଠାରୁ ଉନ୍ନତ ପୃଥିବୀ-ପର୍ଯ୍ୟବେକ୍ଷଣ ରାଡାର ଉପଗ୍ରହ NISAR ର ସଫଳ ଉତ୍କ୍ଷେପଣ ସହ ପ୍ରଧାନମନ୍ତ୍ରୀ ମୋଦୀ ଗତ ମାସରେ ହାଇଦ୍ରାବାଦରେ ସ୍କାଏରୁଟ୍

ଏରୋସ୍ପେସର ନୂତନ ଇନ୍‌ଫିନିଟି କ୍ୟାମ୍ପସ୍ ଉଦଘାଟନ କରିଥିଲେ ଏବଂ କମ୍ପାନୀର ପ୍ରଥମ କକ୍ଷପଥ ରକେଟ୍, ବିକ୍ରମ-୧ର ଉନ୍ମୋଚନ କରିଥିଲେ।

## ସୁଇସ୍ ବାର୍ ଏକ୍ସପ୍ଲୋଜନ୍

ସୁଇଜରଲାଣ୍ଡର କ୍ରାନ୍ସ ମୋଣ୍ଟାନା ସ୍କି ରିସର୍ଟ୍ ସ୍ଥିତ ଏକ ବାର୍‌ରେ ନୂଆବର୍ଷ ମଧ୍ୟ ରାତ୍ରିରେ ଘଟିଥିବା ବିସ୍ଫୋରଣରେ ୪୦ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୧୫ ଜଣ ଲୋକ ଆହତ ହୋଇଛନ୍ତି । ସେଠାକାର ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି  ଓ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ହେଲିକପ୍ଟର ଏବଂ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଉଛି । ସେଠାକାର ସ୍ଥାନୀୟ ସରକାର ଏହି ଘଟଣାକୁ ସ୍ୱତନ୍ତ୍ର ପରିସ୍ଥିତି ଭାବେ ଘୋଷଣା କରିଛନ୍ତି । ଏହି ବିସ୍ଫୋରଣରେ ଆହତ ମୃତକମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରବର୍ଗଙ୍କୁ ଖବରଦେବା କାର୍ଯ୍ୟ ଜାରି ରହିଛି । ତେବେ ଏହି ଘଟଣା ପଛରେ କୌଣସି ସନ୍ଦେହ ଜନକ କାରଣ ନ ଥିବା ସେଠାକାର ସରକାର କହିଛନ୍ତି ।

# ସ୍କିଲ୍ ଡେଭଲପ୍‌ମେଣ୍ଟ

କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଅଧିବେଶନ ସହିତ ସପ୍ତାହବ୍ୟାପୀ କୌଶଳ ମନ୍ଥନ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ଗତ ମାସରେ ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜରିଆରେ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ବିଭାଗ, ପ୍ରତିଷ୍ଠାନ ଏବଂ ପ୍ରମୁଖ ଅଂଶୀଦାରମାନଙ୍କ ସହ ଦେଶର ଦକ୍ଷତା ଇକୋସିଷ୍ଟମକୁ ସୁଦୃଢ଼ କରିବା ନେଇ ବିଚାରବିମର୍ଶ ହୋଇଥିଲା। ଏହି ଆଲୋଚନାରେ ଏକ ପ୍ରତିକ୍ରିୟାଶୀଳ, ଫଳାଫଳ-ମୁଖୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ଢାଞ୍ଚା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ମନ୍ତ୍ରଣାଳୟର ସୂଚନା ଅନୁଯାୟୀ କାର୍ଯ୍ୟକ୍ରମରେ ITI ପାଇଁ ଫଳାଫଳ-ଆଧାରିତ ଗ୍ରେଡିଂ, କ୍ଷମତାର ଅଧିକ ପ୍ରତିନିଧିତ୍ୱ ମାଧ୍ୟମରେ ବିକେନ୍ଦ୍ରୀକରଣ ଏବଂ କାର୍ଯ୍ୟଦକ୍ଷତା ସୂଚକ ଭଳି ପ୍ରସ୍ତାବ ଗୁଡ଼ିକରେ ଆଲୋଚନା କରାଯାଇଥିଲା । ଦ୍ରୁତ ଗତିରେ ବିକଶିତ ହେଉଥିବା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପ୍ରାସଙ୍ଗିକତା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପାଠ୍ୟକ୍ରମ ଉନ୍ନତିକରଣ, ଶିକ୍ଷା ଏବଂ ନମନୀୟ ତାଲିମ ମଡେଲ ଉପରେ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯାଇଥିଲା।

# ରିପିଲିଂ ଆଣ୍ଡ ଆମେଣ୍ଡିଙ୍ଗ୍ ଆକ୍ଟ

ସଂସଦର ସଦ୍ୟ ସମାପ୍ତ ଶୀତକାଳୀନ ଅଧିବେଶନରେ ରଦ୍ଦ ଏବଂ ସଂଶୋଧନ ଆଇନ, ୨୦୨୫ ଗୃହୀତ ହୋଇଥିଲା। ଏହି ଆଇନର ଲକ୍ଷ୍ୟ ବର୍ତ୍ତମାନ ସମୟରେ ପ୍ରଚଳନ ନ ଥିବା ଏବଂ ଅନାବଶ୍ୟକ ଆଇନଗୁଡ଼ିକୁ ରଦ୍ଦ କରି ଆଇନଗତ ଢାଞ୍ଚାକୁ ସରଳ କରିବା। ଏହି ଆଇନ ଅନୁଯାୟୀ, ୧୮୮୬ରୁ ୨୦୨୩ ପର୍ଯ୍ୟନ୍ତ ୭୧ଟି ଅପ୍ରାସଙ୍ଗିକ ଆଇନକୁ ରଦ୍ଦ କରାଯାଇଛି ଯାହା ଅନାବଶ୍ୟକ ଥିଲା । ଆଇନକୁ ସ୍ୱଷ୍ଟ ଏବଂ ବର୍ତ୍ତମାନର ପ୍ରଶାସନ ସହିତ ଅଧିକ ସୁସଙ୍ଗତ କରିବା ପାଇଁ ସିଭିଲ୍ ପ୍ରୋସିଜିଓର୍ ସଂହିତା, ସାଧାରଣ ଧାରା ଆଇନ, ଉତ୍ତରାଧିକାର ଆଇନ ଏବଂ ବିପର୍ଯ୍ୟୟ ପରିଚାଳନା ଆଇନ ସମେତ ଚାରୋଟି ମୁଖ୍ୟ ଆଇନକୁ ମଧ୍ୟ ଏହି ଆଇନ ଅଧୀନରେ ସଂଶୋଧନ କରାଯାଇଛି।